# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 July - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ତିନି ରଥର ଆଜି ହେବ ଦକ୍ଷିଣମୋଡ
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବଜେଟ୍ ପରାମର୍ଶ ସଭା ଅନୁଷ୍ଠିତ; ଆସନ୍ତା ୨୫ ତାରିଖରେ ଉପସ୍ଥାପନ ହେବ ପୂର୍ଣ୍ଣାଙ୍ଗ ବଜେଟ୍
- ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କଲେ ବରିଷ୍ଠ ଆଇଏଏସ୍ ଅରବିନ୍ଦ ପାଢ଼ୀ; କହିଲେ, ନୀତି ଶୃଙ୍ଖଳାକୁ ଦିଆଯିବ ସର୍ବାଧିକ ଗୁରୁତ୍ୱ

ଏବଂ

- ମୌସୁମୀର ପ୍ରଭାବରେ ପ୍ରବଳ ବର୍ଷା ହେବା ନେଇ ୩ଟି ଜିଲ୍ଲାକୁ ସତର୍କ ସୂଚନା

## ବାହୁଡାଯାତ୍ରା

**ପୁରୀ**ରେ ବାହୁଡାଯାତ୍ରା ପାଇଁ ଆଜି ସକାଳ ଧୂପନୀତି ଶେଷ ହେବା ପରେ ଆଜ୍ଞାମାଳ ବିଜେ କରାଯିବ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ୩ ରଥର ଆଜି  ଦକ୍ଷିଣମୋଡ ହେବ। ଦକ୍ଷିଣ ମୋଡ଼ରେ ଶ୍ରୀଗୁଣ୍ଡିଚା ଘର ସିଂହଦ୍ୱାର ସମ୍ମୁଖରୁ ରଥଗୁଡ଼ିକ ଟଣା ହୋଇ ନାକଚଣା ଦ୍ୱାରକୁ ଆସିବେ। ପ୍ରଥମେ ଦର୍ପଦଳନ, ପରେ ତାଳଧ୍ୱଜ ଓ ଶେଷରେ ନନ୍ଦୀଘୋଷ ରଥ ଟଣାଯିବ। ସୂଚନା ଅନୁସାରେ, ଗତକାଲି ଦକ୍ଷିଣମୋଡ଼ ପୂର୍ବରୁ ତିନିରଥର ସ୍ଥିତି ଯାଞ୍ଚ କରାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ଦେବୀ ମହାଲକ୍ଷ୍ମୀ ଶରଧାବାଲିରେ ବିଜେହୋଇ ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଛି। ରଥଯାତ୍ରାରେ ଦେବୀ ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ  ଛାଡି ଭାଇଭଉଣୀଙ୍କୁ ସାଥୀରେ ନେଇ ଜନ୍ମବେଦୀରେ ମହାପ୍ରଭୁ ଉଭା ହୋଇଥିବାବେଳେ ଅଭିମାନିନୀ ମା’ ଲକ୍ଷ୍ମୀ ନନ୍ଦିଘୋଷ ରଥ ଭାଙ୍ଗିଥିଲେ। ରଥରେ ଲାଗିଥିବା ହଂସପଟାର ଏକ ଅଂଶକୁ ନୀତି ଅନୁଯାୟୀ ସେବକମାନେ ଭାଙ୍ଗିଥିଲେ। ଶ୍ରୀଗୁଣ୍ଡିଚା ଘରେ ବିଜେହୋଇ ଠାକୁରଙ୍କ ସମ୍ମୁଖରେ ପହଞ୍ଚି ମହାପ୍ରଭୁଙ୍କ ଆଜ୍ଞାମାଳ ପାଇଥିଲେ। ପରେ ମା’ ଲକ୍ଷ୍ମୀ ହେରାଗୋହିରୀ ସାହି ହୋଇ ଶ୍ରୀମନ୍ଦିରକୁ ବାହୁଡିଥିଲେ ।

## ମୁଖ୍ୟମନ୍ତ୍ରୀ-ବଜେଟ୍ ଆଲୋଚନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ପ୍ରାକ୍ ବଜେଟ୍ ପରାମର୍ଶ ସଭା ଅନୁଷ୍ଠିତ ହୋଇଛି। ବୈଠକରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଉପସ୍ଥାପନ ହେବାକୁ ଥିବା ବଜେଟ୍ ଓ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପରେ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ଏହି ସମୟରେ ବୈଠକରେ ଯୋଗଦେଇଥିବା ଅତିଥିମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଓ ପରାମର୍ଶ ଗ୍ରହଣ କରିଛନ୍ତି। ବିଠକରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡା ଏବଂ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପ୍ରଫୁଲ ଘଡେଇ, ଶଶୀଭୂଷଣ ବେହେରାଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଉପସ୍ଥିତ ଥିଲେ।

ସୂଚନା ଅନୁସାରେ, ଗତକାଲି ବଜେଟ୍ ନେଇ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ବଜେଟ୍ ପାଇଁ ଜନସାଧାରଣଙ୍କ ମତାମତ ଲୋଡିଥିଲେ। ଆସନ୍ତା ୨୫ ତାରିଖରେ ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ।

## ଅଗ୍ନିବୀର-ସିଆଇଏସ୍ଏଫ୍

କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀରେ ପୂର୍ବତନ ଅଗ୍ନିବୀରମାନଙ୍କୁ ନିଯୁକ୍ତି ଦିଆଯିବ। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷାବଳ (ସି.ଆଇ.ଏସ୍.ଏଫ୍.)ର

ମହାନିର୍ଦ୍ଦେଶକ ନୀନା ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏ ସଂକ୍ରାନ୍ତରେ ସି.ଆଇ.ଏସ୍.ଏଫ୍. ସମସ୍ତ ବ୍ୟବସ୍ଥା କରିଛି । ସଶସ୍ତ୍ର ବାହିନୀରେ ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦିଆଯିବ ଏବଂ ସେମାନଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରେ ମଧ୍ୟ ରିହାତି ଦିଆଯିବ ବୋଲି ସେ କହିଛନ୍ତି । ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକ ନିତିନ ଅଗ୍ରୱାଲ କହିଛନ୍ତି, ଏହାଠାରୁ ଭଲ ଆଉ କିଛି ହୋଇପାରିବ ନାହିଁ । ଏହା ସମାଜର ସମସ୍ତ ବର୍ଗଙ୍କୁ ଲାଭାନ୍ୱିତ କରିବ ।

## ମୁଖ୍ୟମନ୍ତ୍ରୀ-ସାକ୍ଷାତ

ତେଲେଙ୍ଗାନାର ଉପ ମୁଖ୍ୟମନ୍ତ୍ରୀ ତଥା ଅର୍ଥ, ଯୋଜନା ଓ ଶକ୍ତି ବିଭାଗ ମନ୍ତ୍ରୀ ବି.ଭି ମାଲ୍ଲୁ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ଉଭୟଙ୍କ ମଧ୍ୟରେ ଏକ ବୈଠକ ହୋଇଥିବା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

## କନକ ବର୍ଦ୍ଧନ ସିଂଦେଓ

**ବଲାଙ୍ଗିର** ଜିଲ୍ଲା ଡିଏଫଓଙ୍କ ସମ୍ମିଳନୀ କକ୍ଷରେ ଗତକାଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମଗୁଡ଼ିକୁ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ । ଏହି ସମୟରେ ସେ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ କରିବବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଲୋଚନା-ସୁରେଶ ପୂଜାରୀ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ରେଳପଥର ବିସ୍ତାର ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ବରଗଡ଼ ନୂଆପଡ଼ା ରେଳପଥ ବିସ୍ତାର ସମେତ ରାଜ୍ୟର ବିଭିନ୍ନ ରେଳପ୍ରକଳ୍ପର ଅଗ୍ରଗତି ଓ ଜମି ଅଧିଗ୍ରହଣ ବିଷୟରେ ଆଲୋଚନା କରିଛନ୍ତି। ଏହାସହ ବ୍ରଜରାଜ ନଗରର ବିଭିନ୍ନ ରେଳଷ୍ଟେସନ୍‌ରେ ରେଳ ରହଣି ଓ ବିକାଶ ସମ୍ପର୍କରେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କ ସହ ଦିଲ୍ଲୀରେ କଥାବାର୍ତ୍ତା କରିଥିବା ଶ୍ରୀ ପୂଜାରୀ କହିଛନ୍ତି।

## ଅରବିନ୍ଦ ପାଢ଼ୀ-ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ବରିଷ୍ଠ ଆଇଏଏସ୍ ଅରବିନ୍ଦ ପାଢ଼ୀ ଆଜି ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ସେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଗାମୀ ବାହୁଡା ଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେ ନୀତି ଶୃଙ୍ଖଳିତ କରିବା ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସେ କହିଛନ୍ତି, ରଥ ଉପରେ ଫଟୋ ଓ ସେଲ୍‌ଫି ନେବା ଉପରେ କଡା କଟକଣା ଲଗାଯିବା ସହ ମହାପ୍ରଭୁଙ୍କ ସମ୍ମୁଖରେ ଯେପରି କେହି ନ ରହିବେ, ଏ ସମ୍ପର୍କରେ ସବୁ ନିଯୋଗଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ନୀତି ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ନିୟମ ଉଲ୍ଲଙ୍ଘନ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ସୂଚନା

ଅନୁସାରେ, ରାଜ୍ୟ ସରକାର ଗତକାଲି ଶ୍ରୀ ପାଢ଼ୀଙ୍କୁ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦେଇଥିଲେ। ତାଙ୍କ ପୂର୍ବରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ବୀର-ବିକ୍ରମ ଯାଦବଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା ।

## ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ

କେନ୍ଦ୍ର ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ ଅଧୀନରେ ଥିବା ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ ଗତ ଆର୍ଥିକବର୍ଷରେ ଉତ୍ପାଦନ, ବିକ୍ରୀ ଓ ନୂତନ ରୋଜଗାର ଦେବାରେ ନୂତନ ରେକର୍ଡ ସୃଷ୍ଟି କରିଛି। ଆୟୋଗର ଆକଳନ ଅନୁସାରେ, ପ୍ରଥମ ଥର ପାଇଁ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ ବିକ୍ରୀବଟା କ୍ଷେତ୍ରରେ ୨୦୨୩-୨୪ ଆର୍ଥିକବର୍ଷରେ ୧ କୋଟି ୫୫ ଲକ୍ଷ ଟଙ୍କା ଅତିକ୍ରମ କରିଛି। ୨୦୨୨-୨୩ ଆର୍ଥିକବର୍ଷରେ ୧ କୋଟି ୩୪ ଲକ୍ଷ ଟଙ୍କାର ବିକ୍ରୟ ହୋଇଥିଲା। ସେହିଭଳି ୨୦୨୩-୨୪ ଆର୍ଥିକବର୍ଷରେ ଆୟୋଗର ଉଦ୍ୟମରେ ଗ୍ରାମାଞ୍ଚଳରେ ୧୦ ଲକ୍ଷ ୧୭ ହଜାର ନୂତନ ରୋଜଗାର ସୃଷ୍ଟି ହୋଇଥିବା ଜଣାପଡିଛି। ଆୟୋଗର ଅଧ୍ୟକ୍ଷ ମନୋଜ କୁମାର ଏହି ସଫଳତା ବିଷୟରେ କହିଛନ୍ତି, ଖଦୀ ସାମଗ୍ରୀ ଉପରେ ଲୋକଙ୍କର ବିଶ୍ୱାସ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ମେକ୍ ଇନ୍ ଇଣ୍ଡିଆ' ଓ 'ଭୋକାଲ ଫର୍ ଲୋକାଲ୍' ତଥା ସ୍ୱଦେଶୀ ସାମଗ୍ରୀ ଉପରେ ଜନସାଧାରଣ ଭରସା କରୁଥିବା ସେ କହିଛନ୍ତି।

## ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା

ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଅଧିନରେ ଭୁବନେଶ୍ୱରରେ  ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତା ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ୮ଟି ପର୍ଯ୍ୟାୟରେ ଚାଲିବ। କାର୍ଯ୍ୟକ୍ରମରେ ଗୁଣବତ୍ତାଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା, ଉତ୍କୃଷ୍ଟ ମାନର ସାମଗ୍ରୀ ବ୍ୟବହାର କରିବା, ରୋଷେଇ ପ୍ରଣାଳୀ, ଆବର୍ଜନା ପରିଚାଳନା, ପୋଷଣ ଉଦ୍ୟାନର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା ହୋଇଛି।

## ତାଲିମ କାର୍ଯ୍ୟକ୍ରମ

**ନୟାଗଡ଼** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏବଂ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ବ୍ଲକ୍ ସମ୍ମିଳନୀ ଗୃହରେ ଆଜି ଜିଲ୍ଲାସ୍ତରୀୟ ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ୍ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସ୍ୱରୂପ ଉଚ୍ଚତା ଏବଂ ଓଜନ ମଧ୍ୟରେ କିଭଳି ଭାରସାମ୍ୟ ରଖାଯାଇପାରିବ, ତା'ର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଶିଶୁ ସମ୍ପର୍କିତ କାର୍ଯ୍ୟକ୍ରମର ସଦୁପଯୋଗ ନେଇ ଅନ୍ୟ ଅତିଥିମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୮ଟି ବ୍ଲକ୍‌ର ସିଡିପିଓଙ୍କ ସମେତ ୪୯ ଜଣ ମହିଳା ପରିଦର୍ଶିକା ଯୋଗଦେଇଥିଲେ।

## ସମୀକ୍ଷା ବୈଠକ

**ଗଂଜାମ** ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ  ବାଲ୍ୟବିବାହ ଏବଂ କନ୍ୟା ଭ୍ରୂଣ ହତ୍ୟା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ

ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ 'ନିର୍ଭୟା କଢ଼ି' କାର୍ଯ୍ୟକ୍ରମର ସଫଳତା ଆଧାରରେ ଗଂଜାମକୁ ବାଲ୍ୟବିବାହ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରାଯାଇଛି । 'ମୋ ଗେହ୍ଲା ଝିଅ' କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାରେ କନ୍ୟା ଭ୍ରୂଣ ହତ୍ୟା ହ୍ରାସ ପାଇଥିବା ସମୀକ୍ଷାରୁ ଜଣାପଡିଛି । ବୈଠକରେ ବ୍ରହ୍ମପୁର ଉପଜିଲ୍ଲାପାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସଚେତନତା ବୈଠକ

**ସମ୍ବଲପୁର** ଜିଲ୍ଲାରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଶ୍ୱ ଜନସଂଖ୍ୟା ପକ୍ଷ ପାଳିତ ହୋଇଛି । ଏହା ସହ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା ଓ କୁଷ୍ଠ ରୋଗର ସର୍ବେକ୍ଷଣ ଅଭିଯାନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୂହିକ ଔଷଧ ସେବନ, ଫାଇଲେରିଆ ନିରାକରଣ ନିମନ୍ତେ ବାର୍ତ୍ତା ଦେବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଚାରା ରୋପଣ

**ଢେଙ୍କାନାଳ** ଜିଲ୍ଲାରେ 'ଏକ୍ ପେଡ୍ ମା'କେ ନାମ୍' ଅଧିନରେ ଚାରା ରୋପଣ କାର୍ଯ୍ୟକ୍ରମ ଜାରି ରହିଛି । ଆଗାମୀ ସେପ୍ଟେମ୍ବର ସୁଦ୍ଧା ୭ କୋଟି ୩୫ ଲକ୍ଷ ଚାରା ରୋପଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ଲକ୍ଷ୍ୟ

ଧାର୍ଯ୍ୟ କରାଯାଇଛି। ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୭୦ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ଡିଏଫ୍ଓ ସୁମିତ କୁମାର କର କହିଛନ୍ତି।

## +୨ ନାମଲେଖା

ରାଜ୍ୟରେ ଯୁକ୍ତ ୨ରେ ନାମଲେଖା ପାଇଁ ଆଜି ଆବେଦନ ଶେଷ ହେଉଛି । ଯୁକ୍ତ ୨ ପାଇଁ ମୋଟ୍ ୫ଲକ୍ଷ ୨୪ହଜାର ୨୦୫ସିଟ୍ ରହିଛି । ସୂଚନା ଅନୁସାରେ ଆସନ୍ତା ୨୦ ତାରିଖରେ ପ୍ରଥମ ଚୟନ ତାଲିକା ପ୍ରକାଶ ପାଇବ । ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୨୨ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ ।

## ରଥଯାତ୍ରା-କେନ୍ଦ୍ରାପଡା

ତୁଳସୀକ୍ଷେତ୍ର **କେନ୍ଦ୍ରାପଡା**ରେ ଅନୁଷ୍ଠିତ ରଥଯାତ୍ରାରେ ଗତକାଲି ବିଳମ୍ବିତ ରାତିରେ ମା'ଲକ୍ଷ୍ମୀଙ୍କ ହେରାପଞ୍ଚମୀ ନୀତି ଅନୁଷ୍ଠିତ ହୋଇଛି। ସେଠାରେ ମହାଲକ୍ଷ୍ମୀଙ୍କୁ ସ୍ୱତନ୍ତ୍ର ବେଦୀରେ ଉପବେଶନ କରାଯାଇ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ପାଣିପାଗ

ରାଜ୍ୟରେ ମୌସୁମୀବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ କେତେକ ସ୍ଥାନରେ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ

ବାଲେଶ୍ୱର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

*********************************